## ଯାଦବ ନେତା ରାଜେନ୍ଦ୍ର ଦାସଙ୍କ ପରଲୋକ

ଭଦ୍ରକ,୧୫।୧ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଯାଦବ ନେତା କଲେଇ ପଞ୍ଚାୟତ ନିବାସୀ ରାଜେନ୍ଦ୍ର କୁମାର ଦାସ(୬୧)ଙ୍କ ପରଲୋକ ହୋଇ ଯାଇଛି। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ତୁନିଦାରେ ଥିବା ଯାଦବ ଭବନ ନିର୍ମାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ମୃତ୍ୟୁ ଖବର ଶୁଣି ରାଜ୍ୟ ଯୁବଯାଦବ ସମ୍ପାଦକ ଅମର ନାୟକ, ସଞ୍ଜୀବ ନାୟକ, କୃଷ୍ଣଚନ୍ଦ୍ର ବେହେରା, ମୁକ୍ତିକାନ୍ତ ନାୟକଙ୍କ ସମେତ କୁନି ମହାନ୍ତି, ତପନ ନାୟକ, ମିଣ୍ଟୁ ନାୟକ, ପ୍ରାକ୍ତନ ସମିତି ସଭ୍ୟ ନିତ୍ୟାନନ୍ଦ ବେହେରା, ବାଦଲ ଦାସ, ସରପଞ୍ଚ ନିରଞ୍ଜନ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସାନଭାଇ ଅଧ୍ୟାପକ ଦେବେନ୍ଦ୍ର ଦାସଙ୍କ ସମେତ ସମସ୍ତ ପରିବାର, ବନ୍ଧୁ ଉପସ୍ଥିତ ଥିଲେ।


ରାଜେନ୍ଦ୍ର କୁମାର ଦାସ

# ବଉଳାଶୁଣୀ ପୀଠରେ ମକରମେଳା

ବନ୍ତ,୧୫।୧ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ତଥା ବନ୍ତ-ବାରିକପୁର ରାସ୍ତାର ନିଲୋକସ୍ଥିତ ମା'ବଉଳାଶୁଣୀ ପୀଠରେ ମକର ମେଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସକାଳେ ଶତାଧିକ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରି ଭୋଗ ଲଗାଇଥିଲେ। ପୂର୍ବାହ୍ନ ସମୟରେ ନିକଟସ୍ଥ ମହାଦେବ ପୁଷ୍କରିଣୀରୁ କଳସ ଅଣାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଭାସ୍କର ଚନ୍ଦ୍ର ମହାନ୍ତି, ନାରାୟଣ ମିଶ୍ର, ଗୋପାଳ ବାରିକ, ପ୍ରଫୁଲ୍ଲ ନାୟକ, ଅଭିମନ୍ୟୁ ଦାଶ, କାଳନ୍ଦି ବେହେରା, ରମ୍ଭାମଣି ମହାନ୍ତି, ଉଷାରାଣୀ ମିଶ୍ର, ଗୌରୀ ବାରିକ, ସସ୍ମିତା ନାୟକ, ସୁକାନ୍ତୀ ବେହେରା, ରେଖା ଦାଶ ପ୍ରମୁଖ କଳସ ଆଣିଥିଲେ । ପୂଜକ ଉପେନ୍ଦ୍ର ମିଶ୍ର, ବସନ୍ତ ମିଶ୍ର, ନାରାୟଣ ଦ୍ୱିବେଦୀ, ରମେଶ ଦ୍ୱିବେଦୀ ଯଜ୍ଞ କାର୍ଯ୍ୟ ତୁଲାଉଥିବା ବେଳେ ପୂର୍ଣ୍ଣଚନ୍ଦ୍ର ବାରିକ ସହଯୋଗ କରୁଛନ୍ତି । କୃଷ୍ଣଚନ୍ଦ୍ର ପଣ୍ଡା ମା'ଙ୍କ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ମେଳା ୧୫ ଦିନ ଧରି ଚାଲିବ।

ମା'ଙ୍କ ଆବିର୍ଭାବ ବିଷୟରେ ରହିଥିବା କିମ୍ବଦନ୍ତୀ ବଡ଼ ବିଚିତ୍ର ଓ କୌତୁହଳପ୍ରଦ। ୧୯୬୫ ମସିହା ଶ୍ରାବଣ ମାସର କଥା । ନିଲୋକ ଗ୍ରାମର କୋମଳମତି ବାଳକ ସୁରେନ୍ଦ୍ର ପ୍ରଧାନ ଓ ମନ ରଞ୍ଜନ ବିଶ୍ୱାଳ ଦୁହେଁ ଆଣ୍ଠୁଏ ପାଣି କାଦୁଅରେ ସ୍କୁଲକୁ ଯିବା ବାଟରେ କଣ୍ଟାବୁଦା ପରିପୂର୍ଣ୍ଣ ଏକ ବବୁରୀ ଗଛ ମୂଳରେ ପଥରଟିଏ ଦେଖିଲେ। କୌତୁହଳରେ ଦୁହେଁ କୁହା କୁହି ହୋଇ ଲୋଭନୀୟ ପଥରଟିକୁ ନେଇ ଖେଳିବେ ବୋଲି ମନସ୍ଥ କଲେ । ତା'ପରେ ସାଙ୍ଗରେ ଆଣିଥିବା ସ୍କୁଲ ବ୍ୟାଗରେ ପଥରଟିକୁ ପୁରାଇ ନେଇ ଆସିଲେ। ଗାଁର ଦକ୍ଷିଣ ପାର୍ଶ୍ୱରେ ଏକ ବିରାଟ ପୋଖରୀ ଏହାକୁ ଲାଗି ଏକ ପଡ଼ିଆ । ଏଠାରେ କଣ୍ଟାବୁଦା ପରିପୂର୍ଣ୍ଣ ଏକ ଛୋଟ ତେନ୍ତୁଳି ଗଛ ମୂଳରେ ପଥରଟିକୁ ରଖି ଦୁହେଁ ଖେଳିବାକୁ ଲାଗିଲେ। ଚକ୍ରଧର ପଣ୍ଡା ନାମକ ଏହି ଗ୍ରାମର ଜନୈକ ବ୍ରାହ୍ମଣ କୋଲକାତାରେ ରହି ପୂଜା ପାଠ କରନ୍ତି। ସେଠାରେ ତାଙ୍କୁ ଦିନେ ମା'ଙ୍କର ସ୍ୱପ୍ନାଦେଶ ହେଲା। ମା' ଆବିର୍ଭାବ ହୋଇ ତାଙ୍କୁ କହିଲେ ମୁଁ ତୋ ଗାଁର ଦକ୍ଷିଣ ପାର୍ଶ୍ୱ ପୋଖରୀ ସନ୍ନିକଟ ପଡ଼ିଆରେ ଥିବା ତେନ୍ତୁଳି ଗଛ ମୂଳରେ ରହିଛି। ତୁ ମୋତେ ସ୍ଥାପନ କରି ପୂଜା ଯଜ୍ଞ କର। ଏହି ପୂଜା ପ୍ରତ୍ୟେକ ବର୍ଷ ମକର ସଂକ୍ରାନ୍ତି ଦିନ ହିଁ ହେବା ଉଚିତ । ଏହା ପରଠାରୁ ବ୍ରାହ୍ମଣଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା ଚାଲୁ ରହିଲା ଏବେ ନିଲୋକ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା' ବଉଳାଶୁଣୀଙ୍କ ପୂଜା ଯଜ୍ଞ ସୂଚାରୁରୂପେ ସମ୍ପନ୍ନ ହୋଇ ଆସୁଛି ।


ମା' ବଉଳାଶୁଣୀ।

# ମଣ୍ଡିରେ ପଡ଼ିରହିଛି ୫୦୦ ବସ୍ତା ଧାନ


ମଣ୍ଡି ସାମ୍ନାରେ ଧାନବସ୍ତା ସହ ଚାଷୀ।

ତିହିଡ଼ି,୧୫।୧ (ସଞ୍ଜିତ ବଳ)

### ମିଲରଙ୍କ ମନମାନି ପ୍ରତିବାଦରେ ରାସ୍ତାରୋକୋ ଚେତାବନୀ

ଗତ ୬ ତାରିଖରୁ ମଣ୍ଡି ଖୋଲିଲାଣି। ହେଲେ ଧାନ ସଂଗ୍ରହ ହୋଇପାରିନି। ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ସମବାୟ ସମିତିରେ ଏ ପ୍ରକାର ଅଚଳାବସ୍ଥା ଦେଖାଦେଇଛି। ଯାହା ଫଳରେ ମଣ୍ଡି ସାମ୍ନାରେ ୫୦୦ରୁ ଊର୍ଦ୍ଧ୍ୱ ଧାନ ବସ୍ତା ପଡ଼ି ରହିଛି। ମିଲରଙ୍କ ମନମାନି ପାଇଁ ଏ ପ୍ରକାର ପରିସ୍ଥିତି ଉପୁଜିଥିବା ପଞ୍ଜୀକୃତ ଚାଷୀମାନେ ଅଭିଯୋଗ କରିଛନ୍ତି। ସେମାନେ ବୁଧବାର ଏ ସମ୍ପର୍କରେ ଜିଲାପାଳ, ତହସିଲଦାର, ବିଡିଓ, ଜିଲା ଯୋଗାଣ ଅଧିକାରୀ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆସନ୍ତା ୧୭ ତାରିଖ ମଧ୍ୟରେ ବିନା କଟ୍‌ନୀରେ ମିଲର ଯଦି ଧାନ ନ ନିଅନ୍ତି ତେବେ ଚାଷୀମାନେ ରାସ୍ତାରୋକୋ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଚାଷୀମାନେ ଦର୍ଶାଇଛନ୍ତି ଯେ, ଗତ ୬ ତାରିଖରୁ ମଣ୍ଡି ଖୋଲିଥିଲେ ମଧ୍ୟ ଧାନ ସଂଗ୍ରହ ଆରମ୍ଭ ହୋଇନାହିଁ। ଧାନ ନେବା ଦାୟିତ୍ୱରେ ଥିବା ମିଲର ୧୦ ପ୍ରତିଶତ କଟ୍‌ନୀ କରି ଧାନ ଦେବାକୁ ଚାଷୀମାନଙ୍କୁ ବାଧ୍ୟ କରୁଛନ୍ତି। ସରକାରଙ୍କ ପକ୍ଷରୁ କଟ୍‌ନୀର ବ୍ୟବସ୍ଥା ନ ଥିବା ବେଳେ ମିଲରଙ୍କ ଏପ୍ରକାର ମନମାନିକୁ ଚାଷୀମାନେ ବିରୋଧ କରିଛନ୍ତି। ଫଳରେ ଧାନ ସଂଗ୍ରହ ହୋଇ ନ ପାରି ମଣ୍ଡି ସାମ୍ନାରେ ଗଦା ହୋଇରହିଛି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବାକୁ ରାଜେନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, ସଂଗ୍ରାମ କେଶରୀ ମହାନ୍ତି, ଗଙ୍ଗାଧର ପାଣ୍ଡବ, ସନ୍ଧ୍ୟାରାଣୀ ଦାସ, ପୀତବାସ ବାରିକ, ଜଗନ୍ନାଥ ନାୟକ, କମଳାକାନ୍ତ ସେଠୀ, ଅକ୍ଷୟ କୁମାର ସେଠୀ ପ୍ରମୁଖ ଶତାଧିକ ଚାଷୀ ଦାବି ଜଣାଇଛନ୍ତି।

# ଥାନପତି ଶକ୍ତିପୀଠର ବିକାଶ ଉପରେ ଗୁରୁତ୍ୱ

ବନ୍ତ,୧୫।୧ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ପୋଡ଼ାପାଟଣା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଥାନପତି ଶକ୍ତିପୀଠରେ ମକର ମେଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ମା'ଙ୍କ ପୀଠର ବିକାଶ କିପରି ହୋଇପାରିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଉତ୍ସବକୁ ଗିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଗିଲୋ ସରପଞ୍ଚ ଜେନା, ଓଡ଼ଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ ଦାସ, ସାମାଜିକକର୍ମୀ ଶ୍ୟାମ ସୁନ୍ଦର ଦାସ, ରମେଶ ଜେନା, ବାବାଜି ଚରଣ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମନୋଜ ଜେନା, ପୀତାମ୍ବର ଜେନା, ଦୋଳ ଗୋବିନ୍ଦ ଓଝା, ରତିକାନ୍ତ ଜେନା, ହେମନ୍ତ କୁମାର ବାରିକ, ଅଭିମନ୍ୟୁ ଜେନାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ୮୫୦ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା


ହିତାଧିକାରୀଙ୍କ ସହ ମନ୍ତ୍ରୀ ଓ ଅନ୍ୟମାନେ।

ତିହିଡ଼ି,୧୫।୧ (ସଞ୍ଜିତ ବଳ)

### ବିତରଣ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ତିହିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜନସେବା ଦିବସ ଉପଲକ୍ଷେ ଅନୁଷ୍ଠିତ ସମାରୋହରେ ବ୍ଲକର ମୋଟ ୮୫୦ଜଣ ହିତାଧିକାରୀଙ୍କୁ ଏହି ଭତ୍ତା ବିତରଣ କରଯାଇଛି। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, ସାହିତ୍ୟ ସଂସ୍କୃତି ଓ ଯୁବ ବିକାଶ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ଭତ୍ତା ବିତରଣ କରିଥିଲେ। ୮୦ ବର୍ଷରୁ ଊର୍ଦ୍ଧ୍ୱ ୭୮୦ଜଣ ହିତାଧିକାରୀ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ୭୦ଜଣ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ବିଡିଓ ଜ୍ୟୋତିର୍ମୟ କର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ସୂରଜ ଏଥିରେ ଯୋଗ ଦେଇ ଭତ୍ତା ବୃଦ୍ଧି ନେଇ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ଯାହାର ସୁଫଳ ଆଜି ହିତାଧିକାରୀଙ୍କୁ ମିଳିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ବରିଷ୍ଠ ଭାଜପା ନେତା ରଘୁନାଥ ପାତ୍ର, ପ୍ରମୋଦ ଦାସ, ସୀତାକାନ୍ତ ନାୟକ, ସରପଞ୍ଚ କୁନ୍ତଳା ମଲିକ, ପ୍ରଦୀପ ବଳ, ଚକ୍ରଧର ଦାସ, ନିହାରିକା ବିଶ୍ୱାଳ, ରବୀନ୍ଦ୍ର ଶତପଥୀ, ମୁକ୍ତିକାନ୍ତ ନାୟକ, କେଶବ ବେହେରା, ସାଇଶରଣ ବେହେରା, ତପନ ପାଢ଼ୀ, ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ମାନସ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ଏମ୍‌ଆଇ ପ୍ରୀତିଶ ସାମଲ, ଜିପିଓ ପ୍ଲାବନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ସମୀର ରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଟ୍‌ନୀଛଟ୍‌ନୀକୁ ନେଇ ବଢୁଛି ଅସନ୍ତୋଷ


ଅନୁଷ୍ଠିତ ବୈଠକ।

ଧାମନଗର, ୧୫।୧ (ସନ୍ତୋଷ କୁମାର ମହାପାତ୍ର)

### ୨ ଦିନ ଭିତରେ ସମାଧାନ ନ ହେଲେ ଆନ୍ଦୋଳନ

ଭଦ୍ରକ ଜିଲା ଧାମନଗର ବ୍ଲକରେ ଖୋଲା ଯାଇଥିବା ସରକାରୀ ମଣ୍ଡିରେ କଟ୍‌ନୀ ଛଟ୍‌ନୀକୁ ନେଇ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ମିଲରମାନେ ୮ କେଜି ଓ ଚାଷୀଙ୍କ ପକ୍ଷରୁ ୬ କେଜିକଟ୍‌ନୀ କରାଯିବାକୁ ଦାବି କରାଯାଇଛି। ଏହାର ସମାଧାନ ହୋଇପାରି ନ ଥିବାରୁ ଧାନକିଣା ଆରମ୍ଭ ହୋଇପାରିନାହିଁ। ଗତ ସୋମବାର କୌଣସି ସମାଧାନ ନ ହେବାରୁ ଧାନକିଣା ବନ୍ଦ ରହିଥିଲା।

ବୁଧବାର ଶ୍ରୀ ଜଗନ୍ନାଥ କୃଷି ସମବାୟ ସମିତି ପରିସରରେ ଚାଷୀ ଧାନ କମିଟି, ପରିଚାଳନା ସଦସ୍ୟ, ସମିତି କର୍ମଚାରୀଙ୍କ ମଧ୍ୟରେ ଏକ ଜରୁରୀ କାଳୀନ ବୈଠକ ବସିଥିଲା। ଆଗାମୀ ୨ଦିନ ମଧ୍ୟରେ ଚାଷୀଙ୍କ ଦାବି ମୁତାବକ ସରକାର ସମାଧାନ ନ କରନ୍ତି ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଧାମନଗର ଗସ୍ତରେ ଆସୁଛନ୍ତି ବୋଲି ବୈଠକରେ ଉପସ୍ଥିତ ଥିବା ଚାଷୀମାନଙ୍କୁ ସମିତିର ଭାରପ୍ରାପ୍ତ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ଖବର ଦେଇଥିଲେ। ଉପଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାନ୍ତୁ ବୋଲି କହିଥିଲେ। ଚାଷୀମାନେ ଭଗବାନପୁର ଛକ ନିକଟରେ ଉପଜିଲାପାଳଙ୍କ ଗାଡ଼ି ପାଖକୁ ଯାଇ ଧାନ କିଣା ସମସ୍ୟା ସମ୍ପର୍କରେ କହିଥିଲେ। ଅନ୍ୟ କାମରେ ଆସିଛି ପରେ ଏକଥା ବୁଝିବି କହି ସେଠାରୁ ଉପଜିଲାପାଳ ଚାଲି ଯାଇଥିଲେ। ପରେ ପୁର୍ନବାର ବୈଠକରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଦୁଇଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପରିଚାଳନା ପରିଷଦ ସଭାପତି ଅଭିମନ୍ୟୁ ସ୍ୱାଇଁ, କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀ ସସ୍ମିତ କୁମାର ରାଏ, ସମିତିକୁ ଟ୍ୟାଗ ହେଇଥିବା ୩ଟି ମିଲ୍ ର କର୍ମଚାରୀ, ରାଜସ୍ୱ ନିରୀକ୍ଷକ ନଗେନ୍ଦ୍ର କୁମାର ଦାସ, ସଦସ୍ୟ ଚକ୍ରଧର ରାଉତ, ଉମାକାନ୍ତ ସ୍ୱାଇଁ, ମହେଶ୍ୱର ସ୍ୱାଇଁ, ଗୋବର୍ଦ୍ଧନ ପ୍ରଧାନ, ମାନସ ରଞ୍ଜନ ପାତ୍ର, ଚାଷୀ ସୁଦର୍ଶନ ମାଝି, ପ୍ରଫୁଲ୍ଲ ପାତ୍ର, ରମଣୀ ରଞ୍ଜନ ଦାଶ, ରାଜକିଶୋର ଦାଶ, ସୁଧାଂଶୁ ମିଶ୍ର, ରାଜକିଶୋର ଖଟୁଆ, ଅନନ୍ତ ପ୍ରଧାନ, ହିମାଂଶୁ ଶେଖର ଦାଶ, ନାରାୟଣ ସାମଲ ଓ ଶଶିକାନ୍ତ ରାଉତ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଟ୍ରଲରକୁ ଧକ୍କା ଦେଇ ବୁଡ଼ିଲା ବୋଟ୍, ୮ ଯାତ୍ରୀ ଉଦ୍ଧାର

ଚାନ୍ଦବାଲି,୧୫।୧ (ଅଶୋକ ପଣ୍ଡା)

ଭଦ୍ରକ ଜିଲା ଧାମରାରେ ଏକ ଯାତ୍ରୀବାହୀ ବୋଟ୍ ଟ୍ରଲରକୁ ଧକ୍କା ଦେଇ ବୁଡ଼ି ଯାଇଥିବା ବେଳେ ସେଥିରେ ଥିବା ୮ଯାତ୍ରୀଙ୍କୁ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଛନ୍ତି। ସୂଚନା ମୁତାବକ, ଭୁବନେଶ୍ୱରରୁ କେନ୍ଦ୍ରାପଡ଼ା ଜିଲା ଭିତରକନିକାକୁ ବୁଲିବାକୁ ଆସିଥିବା ୮ଜଣ ଯାତ୍ରୀଙ୍କୁ ନେଇ ଚାନ୍ଦବାଲିରୁ ଏକ ଯାତ୍ରୀବାହୀ ବୋଟ୍(ଅଭିରାମ) ଆସିଥିଲା। ଧାମରାରେ ମକରମେଳା ଚାଲିଥିବା ବେଳେ ଏହି ଯାତ୍ରୀମାନେ ଭିତରକନିକାରୁ ସେହି ବୋଟ୍ ଯୋଗେ ଧାମରା ବୁଲିବାକୁ ଆସିଥିଲେ। ଧାମରାରେ ପହଞ୍ଚିବା ପରେ ବୋଟ୍‌କୁ ଲଙ୍ଗର କରିବା ସମୟରେ ଏକ ମାଛ ଧରା ଟ୍ରଲରକୁ ଧକ୍କା ଦେଇଥିଲା। ବୋଟ୍ ବୁଡ଼ିଯିବାରୁ ସେଥିରେ ଥିବା ୮ଜଣ ଯାତ୍ରୀ ବୁଡ଼ି ଯାଇଥିଲେ। ବୋଟ୍‌ର ଚାଳକ ଜୀବନ ବଞ୍ଚାଇବା ପାଇଁ ପାଣିକୁ ଡେଇଁ ପଡ଼ିଥିଲେ। ମାଛ ଧରା ଟ୍ରଲରରେ ଥିବା ମତ୍ସ୍ୟଜୀବୀ ମାନେ ୮ଯାତ୍ରୀଙ୍କ ସହ ଚାଳକଙ୍କୁମଧ୍ୟ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥଥିବା ଜଣାପଡ଼ିଛି।


ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଉଛି।

# ଉପକୃତ ହେବେ ୧୩୦୭ ହିତାଧିକାରୀ

### ବର୍ଦ୍ଧିତ ଭତ୍ତା ବଣ୍ଟନ

ବାସୁଦେବପୁର, ୧୫।୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଚିନ୍ତାମଣି ସଭାଗୃହ ପରିସରରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବର୍ଦ୍ଧିତ ହାରରେ ମାସିକ ଭତ୍ତା ୩୫ଶହ ଟଙ୍କା ଲେଖାଏଁ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବ୍ଲକ ଏଇଇ ଅନିଶ ସୁବୁଦ୍ଧି ରାୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ୩୬ ପଞ୍ଚାୟତରେ ୮୦ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ପ୍ରତିଶତ ଭିନ୍ନକ୍ଷମ ଚିହ୍ନଟ ହୋଇଥିବା ୧୩୦୭ ହିତାଧିକାରୀ ଏହି ଭତ୍ତା ପାଇଁ ଚିହ୍ନଟ ହୋଇଛନ୍ତି।


ବିଧାୟକ ଭତ୍ତା ପ୍ରଦାନ କରୁଛନ୍ତି।

# ୧୫ ହଜାର ୩୨୯ ଜଣ ପାଇବେ ବର୍ଦ୍ଧିତ ଭତ୍ତା

### ୭ ହଜାର ୨୪ ଜଣ ଅପେକ୍ଷାରେ

ଭଦ୍ରକ,୧୫।୧ (ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଓ ବ୍ଲକ୍ ଆନୁକୂଲ୍ୟରେ ଟାଉନ ହଲରେ ବର୍ଦ୍ଧିତ ଭତ୍ତା ହିତାଧିକାରୀଙ୍କୁ ବୁଧବାର ବିତରଣ କରାଯାଇଛି। କେନ୍ଦୁଝରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବର୍ଦ୍ଧିତ ଭତ୍ତା ବିତରଣ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ଏହି ବର୍ଦ୍ଧିତଭତ୍ତା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ବିଡିଓ ସୀତାକାନ୍ତ ରାଉତ, ସଂଯୋଜକ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ ଯୋଗ ଦେଇଥିଲେ। ୮୦ ବର୍ଷ ଓ ଏହାଠାରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ୩ ହଜାର ୫ ଶହ ଟଙ୍କାର ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଥିଲା। ଜିଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳକୁ ମିଶାଇ ମୋଟ ୧୫ ହଜାର ୩୨୯ ଜଣ ଏହି ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜାତୀୟ ସାମାଜିକ ସହାୟତା ଯୋଜନାରେ ୭ ହଜାର ୩୬୮ ଜଣ, ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ୪୧୦ ଜଣ, ମଧୁବାବୁ ଯୋଜନାରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ୬ ହଜାର ୬୨୯ ଜଣ ଓ ଦିବ୍ୟାଙ୍ଗ ବର୍ଗର ୯୨୨ ଜଣ ଏହି ଭତ୍ତା ପାଇବାକୁ ତାଲିକାଭୁକ୍ତ ହୋଇଛନ୍ତି। ଏହା ବାଦ୍ ଜିଲାରେ ବାକିଥିବା ୭ ହଜାର ୨୪ ଜଣଙ୍କୁ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ ପାଇଁ ସରକାରଙ୍କୁ ଅବଗତ କରାଯାଇଥିବା ସୂଚନା ଦିଆଯାଇଛି।


ଜଣେ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉଛି।

# କୁକୁଡ଼ା, ମାଟିଘୋଡ଼ା ଅର୍ପଣ କଲେ ଶ୍ରଦ୍ଧାଳୁ

ତିହିଡ଼ି,୧୫।୧ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ଗ୍ରାମସ୍ଥିତ ମା' ଦପାନାୟକାଣୀ ପୀଠ ମକର ସଂକ୍ରାନ୍ତି ଉପଲକ୍ଷେ ଉତ୍ସବ ମୁଖର ହୋଇଛି। ଏହି ମେଳା ୫ ଦିନ ଚାଲିବାକୁ ଥିବା ବେଳେ ପ୍ରଥମ ଦିନରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କର ସମାଗମ ହୋଇଥିବା ଜଣାପଡ଼ିଛି। ମାନସିକଧାରୀମାନେ ମା'ଙ୍କୁ କୁକୁଡ଼ା ଓ ମାଟିଘୋଡ଼ା ଅର୍ପଣ କରିଥିଲେ। ଏହାଛଡ଼ା ବିନା ଚୁଲିରେ ମା'ଙ୍କ ଭୋଗ ପ୍ରସ୍ତୁତି ମଧ୍ୟ ମା'ଙ୍କ ଅଲୌକିକ ମହିମାକୁ ପ୍ରତିପାଦିତ କରିଥାଏ।

ରାଜ୍ୟ ମାନଚିତ୍ରରେ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ମା'ଙ୍କ ପୀଠସ୍ଥଳରେ ଯେତେ ପର୍ବ ପାଳିତ ହୋଇଥାଏ। ତା ଭିତରୁ ମକର ମେଳା ବେଶ ଜାକଜମକର ସହ ଅନୁଷ୍ଠିତ ହୋଇଥାଏ। କହିବାକୁ ଗଲେ ବୟାଙ୍ଗ ଅଞ୍ଚଳରେ ଶ୍ରେଷ୍ଠ ପର୍ବଭାବେ ଏହା ପରିଗଣିତ। ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁମାନେ ସକାଳେ ମନ୍ଦିର ବେଢ଼ାରେ ଭୋଗ କରିବା ସହିତ ଦୀପ ଲଗାଇଥିଲେ। ମା'ଙ୍କ ନିକଟରେ ଶ୍ରଦ୍ଧାଳୁମାନେ ମାନସିକ ରଖିଥିବା କୁକୁଡ଼ା ଅର୍ପଣ କରିଥାନ୍ତି। ଯାହାକୁ ଭକ୍ତମାନେ ପରବର୍ତ୍ତୀ ସମୟରେ ଭୋଗ ଭାବେ ଭକ୍ତିର ସହିତ ଘରକୁ ନେଇଥାନ୍ତି। ଏହି ପରମ୍ପରାଟି ସ୍ଥାନୀୟ ଅଞ୍ଚଳରେ ଏକ ନିଆରା ପରମ୍ପରା ବୋଲି କୁହାଯାଇଛି। ଏହାଛଡ଼ା ବିନା ଚୁଲିରେ କେବଳ ଗୋବର ଘଷିରେ ନିଆଁ ଲଗାଯାଇ ଭୋଗ ପ୍ରସ୍ତୁତି ହୋଇଥାଏ। ମା' ଦପାନାୟକାଣୀ ପୀଠରେ ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ପାଇଁ ଈଶ୍ୱରପୁର ହାଇସ୍କୁଲର ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରମାନେ ନିୟୋଜିତ ହୋଇଥିଲେ। ପୀରହାଟ ଥାନା ଅଧିକାରୀ ଅଜୟ ମୁର୍ମୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ ମୁତୟନ କରାଯାଇଛି। ମା'ଙ୍କ ପୂଜା କମିଟିର ସୁଧାକର ଦାସ, ଦେବେନ୍ଦ୍ର ଦାସ, ସରପଞ୍ଚ ପବିତ୍ର ମୋହନ ମଲିକ, ଶିକ୍ଷାବିତ୍ ଭୀମସେନ ବାରିକ, ଜୟପ୍ରକାଶ ମଲିକ, ପାର୍ଥସାରଥି ଦାସ, ଉପେନ୍ଦ୍ର ଦାସ, ଭୀମସେନ ମଲିକ, ନିରାକାର ମଲିକ, ଅରବିନ୍ଦ ଦାସ, ଅକ୍ଷୟ ମଲିକ, ମୂରଲୀଧର ଦାସ, ଅକ୍ଷୟ ଦାସ ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରୁଛନ୍ତି। ମା'ଙ୍କ ପୀଠରେ ଏହି ପର୍ବ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ୧୮ ତାରିଖରେ ଶେଷ ହେବାକୁ ଥିବା ବେଳେ ଏହି ୫ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି।


ମା' ଦପା ନାୟକାଣୀ ପୀଠରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

### ମା' ଦପାନାୟକାଣୀ ପୀଠ ଉତ୍ସବମୁଖର

## ସଂକ୍ଷେପରେ

### ୧୯ରୁ ମା' ବାମକାଳୀ କ୍ରିକେଟ ଟୁର୍ନାମେଣ୍ଟ

**ଖଇରା, ୧୫।୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କାକୁଡିଆ ମିନି ଷ୍ଟାଡିୟମରେ ଆସନ୍ତା ୧୯ତାରିଖିରୁ ୧୮ତମ ମା ବାମକାଳୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରୁ ବଛା ବଛା ଟିମ୍ ଯୋଗଦେବେ । ମା' ବାମକାଳୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଜାନୁଆରୀ ୨୩ରେ ଅନୁଷ୍ଠିତ ହେବ। ସଭାପତି ତୃପ୍ତିକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଭ୍ୟ ଶିଶିର ନାୟକ, ବଳରାମ ଲେଙ୍କା, ଜନ୍ମେଜୟ ନାୟକ, ସତ୍ୟବ୍ରତ ମହାପାତ୍ର, ସତ୍ୟମ ମହାପାତ୍ର, ସଂଗ୍ରାମ ମହାପାତ୍ର, ବିଜୟ ନାୟକ, ସୁଦର୍ଶନ ଲେଙ୍କା, ତ୍ରିଲୋଚନ ଲେଙ୍କା, ବାଇଆ ରାଉତ, କାଶିଆ ରାଉତ ଏବଂ ଆଲୋକ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

### ବାଲିଆପାଳରେ ବର୍ଦ୍ଧିତ ଭତ୍ତା ବଣ୍ଟନ

**କାଳିପଦା, ୧୫।୧(ରାଜଶ୍ରୀ ପାଣିଗ୍ରାହୀ)**

ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ବାଲିଆପାଳ ବ୍ଲକ ପରିସରରେ ୮୦ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ପ୍ରତିଶତ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ବର୍ଦ୍ଧିତ ଭତ୍ତା ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ପାଇଁ ଏବିଡିଓ ଶରତ ଚନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଭାଜପା ନେତା ରବୀନ୍ଦ୍ର, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି ବର୍ଦ୍ଧିତ ଭତ୍ତା ହିତାଧିକାରୀମାନଙ୍କୁ ବଣ୍ଟନ କରିଥିଲେ। ବର୍ଦ୍ଧିତ ଭତ୍ତା ବାଲିଆପାଳ ବ୍ଲକରୁ ୩୨୦୦ ହିତାଧିକାରୀଙ୍କୁ ଆସନ୍ତା ଦିନରେ ନିଜ ନିଜର ପଞ୍ଚାୟତ ଅଫିସ୍‌ରେ ଦିଆଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥି ସାହୁ କହିଛନ୍ତି। ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୋମ୍ୟମୁକୁଳ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱଶାନ୍ତି ମାତା ଅନ୍ନପୂର୍ଣ୍ଣା ମହାଯଜ୍ଞ

**ସିମୁଳିଆ, ୧୫।୧(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ମେଳନପଡ଼ିଆରେ ୨୧ତମ ବିଶ୍ୱଶାନ୍ତି ମାତା ଅନ୍ନପୂର୍ଣ୍ଣା ମହାଯଜ୍ଞ ସମାରୋହ ମକର ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୋମବାର ଅଧିବାସ, ଯଜ୍ଞକୁଣ୍ଡ ମଣ୍ଡପ ତୋରଣ ନିର୍ମାଣ, ମଙ୍ଗଳବାର ଅଧିବାସ, ସ୍ଥାନୀୟ ଶାଆନ୍ତାଣୀ ପୋଖରୀରୁ ୭୫ଟି ଘଟତ୍ତୋଳନ କରାଯାଇ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ପରେ ଥାନପତି ରାଧାକାନ୍ତଜୀଉ ମାତା ଅନ୍ନପୂର୍ଣ୍ଣାଙ୍କ ସହିତ ଶୋଭାଯାତ୍ରାରେ ବିଜେ କରିଥିଲେ। ଶ୍ରୀଶ୍ରୀ ଉତ୍ତରେଶ୍ୱରୀଙ୍କ ପୀଠରେ ବୈଦିକ ପୂଜାର୍ଚ୍ଚନା ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ୪ହଜାର ଭକ୍ତ ଆନନ୍ଦବଜାର ଉତ୍ସବରେ ଯୋଗ ଦେଇଥିଲେ। ୩୦ଜଣ ପଣ୍ଡିତ ଓ ୭୫ଜଣ ବ୍ରତୀଙ୍କ ସହଯୋଗରେ ଦିବସବ୍ୟାପୀ ଯଜ୍ଞ ଉତ୍ସବ ପରିଚାଳିତ ହୋଇଥିଲା। ମୁଖ୍ୟପଣ୍ଡିତ ରୂପେ ମନୋରଞ୍ଜନ ଦାଶ, ଚତୁର୍ଭୁଜ ତ୍ରିପାଠୀ ଓ ପଦ୍ମନାଭ ମିଶ୍ର ପ୍ରମୁଖ ଥିଲେ। ସନ୍ଧ୍ୟାରେ ଆରତି, ପୂର୍ଣ୍ଣାହୁତି ଓ ଶ୍ରୀ ବିଗ୍ରହ ଓ ଘଟମାନଙ୍କ ସଲିଳ ନିମଜ୍ଜନ ହୋଇଥିଲା। ଯଜ୍ଞ କମିଟି କର୍ମକର୍ତ୍ତା, ସଭ୍ୟ ସହଯୋଗୀ ଥିଲେ।

### ବେଆଇନ ପଥର ବ୍ଲାଷ୍ଟିଂକୁ ବିରୋଧ

**ସୋର, ୧୫।୧(ଜନ୍ମେଜୟ ମିଶ୍ର)**

ସୋର ତହସିଲ ଅଧୀନ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପାହାଡରେ ପ୍ରତିଦିନ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯାଉଛି। ପରେ ଏହା ଚୋରାଚାଲାଣ କରାଯାଉଛି। ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ଏହି ବେଆଇନ ବ୍ଲାଷ୍ଟିଂ ଯୋଗୁ ଏହାର ଶବ୍ଦରେ ସ୍ଥାନୀୟ ଲୋକେ ଉୟଭୀତ ହୋଇପଡିଛନ୍ତି। ସ୍ଥାନୀୟ ଲୋକଙ୍କ ଘର କାନ୍ଥ ଓ ଛାତରେ ଫାଟ ସୃଷ୍ଟି ହେଉଥିବା ନେଇ ଲୋକେ ବାରମ୍ବାର ଅଭିଯୋଗ କରୁଛନ୍ତି। ଏନେଇ ସ୍ଥାନୀୟ ଲୋକେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଖାଦାନ ବନ୍ଦଥିବା ବେଳେ କିପରି ଚୋରାଚାଲାଣକାରୀମାନେ ଅହରହ ବେଆଇନ ବ୍ଲାଷ୍ଟିଂ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# 'ଜୀବିକା ବୃଦ୍ଧି ଏବଂ ସାମାଜିକ କାର୍ଯ୍ୟ:ଗୋଷ୍ଠୀମାନଙ୍କ ସ୍ଥାୟୀ ବିକାଶ ପାଇଁ ରଣନୀତି'



ଅତିଥିଙ୍କ ଦ୍ୱାରା ନ୍ୟୁଜଲେଟର ଉନ୍ମୋଚନ କରାଯାଉଛି।

- ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର
- ନ୍ୟୁଜଲେଟର ଉନ୍ମୋଚିତ

**ବାଲେଶ୍ୱର, ୧୫।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ସେବା ବିଭାଗ ଆନୁକୂଲ୍ୟରେ 'ଜୀବିକା ବୃଦ୍ଧି ଏବଂ ସାମାଜିକ କାର୍ଯ୍ୟ: ଗୋଷ୍ଠୀମାନଙ୍କ ସ୍ଥାୟୀ ବିକାଶ ପାଇଁ ରଣନୀତି' ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରିଚ୍ ଲାଇଫ୍ସ ଅନୁଷ୍ଠାନ, ୟୁଥ୍ ଫର୍ ସୋସିଆଲ ଡେଭେଲପମେଣ୍ଟ ଅନୁଷ୍ଠାନ, ୟୁନିପାୱାର ସ୍କୁଲ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଓ ଗଣେଶ କଲେଜ ଅଫ ଏଜୁକେଶନର ମିଳିତ ସହଯୋଗରେ ଏହି ଆଲୋଚନାଚକ୍ର ଆରମ୍ଭ ହୋଇଛି।

ଉଦ୍‌ଘାଟନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସମାଜସେବା ପାଠ୍ୟକ୍ରମ କେବଳ ଶ୍ରେଣୀଗୃହରେ ସୀମିତ ନ ରହି ଜନସାଧାରଣଙ୍କ ଜୀବନଶୈଳୀର ପର୍ଯ୍ୟବେକ୍ଷଣ ସହ ପ୍ରକୃତ ଆବଶ୍ୟକତା କ୍ଷେତ୍ରରେ ସହଯୋଗ କରିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଆଲୋଚନାଚକ୍ରରେ ଉଦ୍‌ଘାଟକ ଭାବେ ଭୁବନେଶ୍ୱରସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ମୁଖ୍ୟଅତିଥି ମୁମ୍ବାଇସ୍ଥିତ ଟାଟା ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସର ମୁଖ୍ୟ ପ୍ରଫେସର ବିପିନ ଯୋଯୋ, ମୁଖ୍ୟବକ୍ତା ଦିଲ୍ଲୀସ୍ଥିତ ଭୀମରାଓ ଆମ୍ବେଦକର ମହାବିଦ୍ୟାଳୟର ପ୍ରଫେସର ବିଷ୍ଣୁମୋହନ ଦାଶ, ସମ୍ମାନିତ ଅତିଥି ଦିଲ୍ଲୀସ୍ଥିତ 'ରିଚ୍ ଲାଇଫ୍ସ' ଅନୁଷ୍ଠାନର ଜାତୀୟ ଅଧ୍ୟକ୍ଷ ଡ. ତାପସ ରଞ୍ଜନ ପଣ୍ଡା ଓ ପୁଣେସ୍ଥିତ ସିମ୍ବାୟୋସିସ୍ ଇଣ୍ଟରନ୍ୟାଶନାଲ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଅଦିତି ଶର୍ମା ପ୍ରମୁଖ ଯୋଗଦେଇ ଆଲୋଚ୍ୟ ମୁଖ୍ୟ ପ୍ରସଙ୍ଗକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଦୁଇଦିନରେ ୫ଟି ବୈଷୟିକ ଅଧିବେଶନ ଏବଂ ଦୁଇଟି ସର୍ବଦଳୀୟ ଅଧିବେଶନରେ କୃଷି ଏବଂ ଜୀବିକା, ଆର୍ଥିକ ସମ୍ବଳ, ମହିଳା ସଶକ୍ତିକରଣ ଏବଂ ଗ୍ରାମୀଣ ଜୀବିକା, ସମ୍ପ୍ରଦାୟର ସ୍ଥାଣୁତା ଏବଂ ସଶକ୍ତିକରଣରେ ସାମାଜିକ କାର୍ଯ୍ୟର ଭୂମିକା ଆଦି ବିଷୟକୁ ସ୍ଥାନିତ କରାଯାଇଛି। ଏହି ଅବସରରେ ବିଭାଗ ତରଫରୁ ଏକ ନ୍ୟୁଜଲେଟର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ଆବାହକ ଡ. ଗ୍ରେସ ବାହାଲେନ ମୁଣ୍ଡୁ ଆଲୋଚନାଚକ୍ରର ମୂଳପ୍ରସଙ୍ଗକୁ ସଂକ୍ଷିପ୍ତରେ ବୁଝାଇ ଅତଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଅର୍ଗାନାଇଜିଂ ସେକ୍ରେଟେରୀ ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ସୁପ୍ରିୟା ରାଉତ ଧନ୍ୟବାଦ ଦେଇଥିଲେ।

# ସମାଜରେ ସୁଧାର ଆଣିଥାଏ ସଂସ୍କାରପୂର୍ଣ୍ଣ ଶିକ୍ଷା


ଅତିଥିମାନେ କୁନି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଡୁଙ୍ଗୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ**

**ଖଇରା, ୧୫।୧(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିଶିର କୁମାର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ମୁଖ୍ୟବକ୍ତା, ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ଅଧ୍ୟାପକ ବିଜୟ ବେହେରା ଓ ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କାରଯୁକ୍ତ ଶିକ୍ଷା ସମାଜରେ ସୁଧାର ଆଣିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଚାର୍ଯ୍ୟା ସୁପ୍ରଭା ଖଟୁଆ ଅତିଥିପରିଚୟ, ସବିତାରାଣୀ ଦାସ ସ୍ୱାଗତଭାଷଣ ଦେଇଥିଲେ। ରବୀନ୍ଦ୍ର ନାଥ ନାୟକ, ବିଷ୍ଣୁପ୍ରସାଦ ବାରିକ, ବିଶ୍ୱନାଥ ସେଣ୍ଠ, ତପସ୍ୱିନୀ ସାହୁ, ବୈକୁଣ୍ଠନାଥ ପଣ୍ଡା, ନନ୍ଦକିଶୋର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ହିତାଧିକାରୀଙ୍କ ଜୀବନଶୈଳୀରେ ନୂତନ ଦିଗ ଆଣିବ

**ଜିଲାସ୍ତରୀୟ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ**

**ବାଲେଶ୍ୱର, ୧୫।୧(ବାଞ୍ଛାନିଧି ଦେ)**

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଜନସେବା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି କେଉଁଝର ଜିଲାଠାରୁ ଆଭାସୀ ମାଧ୍ୟମରେ ୮୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ଯୋଗଦାନ କରି ଏହି ସେବାକୁ ଉତ୍ସର୍ଗୀକୃତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ବାଲେଶ୍ୱର ଜିଲାସ୍ତରୀୟ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବର୍ଦ୍ଧିତ ଭତ୍ତା ୮୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଜୀବନଶୈଳୀରେ ନୂତନ ଦିଗ ଆଣିବ ବୋଲି ଏମ୍‌ପି ବକ୍ତବ୍ୟରେ କହିଥିଲେ। ସମ୍ମାନନୀୟ ଅତିଥି ଶାସକ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଓ ପୌରାଧ୍ୟକ୍ଷା ସବିତା ସାହୁ ପ୍ରମୁଖ ଉପସ୍ଥିତ ବକ୍ତବ୍ୟ ରଖିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ସମାରୋହରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ଉପସ୍ଥିତ ହିତାଧିକାରୀଙ୍କୁ ଏହି ଯୋଜନାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଜିଲାସ୍ତରୀୟ ସମାରୋହରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଏମ୍‌ପି ପ୍ରତାପ ଷଡଙ୍ଗୀ ଭତ୍ତା ବଣ୍ଟନ କରୁଛନ୍ତି।

### ବସ୍ତାରେ ନୂତନ ବିଡିଓ

**ବସ୍ତା, ୧୫।୧(ହରିଶଙ୍କର ପାଢ଼ି)**

ଦୀର୍ଘ ଦିନ ଧରି ବସ୍ତା ବ୍ଲକରେ ବିଡିଓ ପଦବୀ ଖାଲି ପଡିବା ପରେ ବୁଧବାର ବସ୍ତା ବ୍ଲକରେ ମିହିର ରଞ୍ଜନ ବେହେରା ନୂତନ ବିଡିଓ ଭାବେ ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକରେ ବିଡିଓ ଥିଲେ। ଏଠାରେ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ବସ୍ତା ତହସିଲଦାର ରାଧାରଞ୍ଜନ ଦାସଙ୍କଠାରୁ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଜଳକା ନଦୀକୂଳରୁ ଯୁବକଙ୍କ ମୃତଦେହ ଜବତ

**ବସ୍ତା, ୧୫।୧(ହରିଶଙ୍କର ପାଢ଼ି)**

ବସ୍ତା ଥାନା ସାନ ଧନାଢ଼ି ସ୍ଥିତ ଜଳକା ନଦୀ କୂଳରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ନାରାୟଣ ଲେଙ୍କା (୨୬)। ସେ ସିଂଲା ଥାନା ଶଙ୍ଖୁଆ ଗାଁର ରବୀନ୍ଦ୍ର ଲେଙ୍କାଙ୍କ ପୁଅ। ମୃତ୍ୟୁର କାରଣ ଜଣାପଡିନାହିଁ। ବସ୍ତା ପୋଲିସ ପହଞ୍ଚି ଶବ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

# ଜିକେ ଭଟ୍ଟର ହସ୍ପିଟାଲରେ କାୟାକଳ୍ପ ଟିମ୍



ହସ୍‌ପଟାଲ ପରିସରରେ କାୟାକଳ୍ପ ଟିମ୍ ସଦସ୍ୟ।

**ଜଳେଶ୍ୱର, ୧୪।୧(ରବିନାରାୟଣ ପାତ୍ର)**

ଜନସାଧାରଣଙ୍କୁ ଉତ୍ତମମାନର ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି କାୟାକଳ୍ପ ଯୋଜନା ଆରମ୍ଭ କରାଯାଇଥିଲା। ରାଜ୍ୟରେ ସମସ୍ତ ଜିଲା ମୁଖ୍ୟ ଡାକ୍ତରଖାନା, ସବ୍‌ଡିଭିଜନାଲ ଡାକ୍ତରଖାନା, ସିଏଚ୍‌ସି ଓ ପିଏଚ୍‌ସିରେ ଏହି ଯୋଜନା ଲାଗୁ କରିବା ପାଇଁ ଗଠିତ ଟିମ୍ ବୁଧବାର ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଫେରିଛନ୍ତି। ସ୍ୱଚ୍ଛତା, ପ୍ରଶାସନିକ ଦକ୍ଷତା, ସେବା, ଯନ୍ତ୍ରାଂଶ ଆଦି ୪୫ ବିଭାଗରେ ତଦାରଖ କରିଛନ୍ତି। ଗଠିତ ଟିମ୍‌ରେ ସାସ୍‌ର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରମୋଦ ଦେ, ବିଦ୍ୟାଳୟରେ ଶିକ୍ଷାରତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଡା. ପ୍ରଶାନ୍ତ କୁମାର ଦାସ, ସମ ହସ୍‌ପିଟାଲର ମାନସିକ ରୋଗ ଅତିରିକ୍ତ ବିଶେଷଜ୍ଞ ଡା. ନିର୍ଲିପ୍ତ ଦାସ, କମ୍ୟୁନିଟି ପ୍ରସେସ୍ ମ୍ୟାନେଜର ଡା. ସୁରଜିତ୍ ରାୟ, ଜିଲା ପକ୍ଷରୁ ଡା. ସଞ୍ଜୀବ କୁମାର ପ୍ରଧାନ, ଡିପିଏମ୍‌ଓ ଅନୀଲ କୁମାର ମହାନ୍ତି, ଗୁଣାବତ୍ତା ନିର୍ଦ୍ଧାରକ ଡା. ସଞ୍ଜୟ କୁମାର ପରିଡା ଏହି ପରିଦର୍ଶନରେ ଆସି ବିଭିନ୍ନ ବିଷୟରେ ତଦାରଖ କରିଛନ୍ତି। ଏହି ପରିଦର୍ଶନ ବେଳେ ଜିକେ ଭଟ୍ଟର ହସ୍‌ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ଦିଲୀପ କୁମାର ପାତ୍ର, ଡା. ସଞ୍ଜୟ ପଣ୍ଡା, ଡା. ବିନୋଦ କୁମାର ପ୍ରଧାନ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଉଗରା ବେଳାଭୂମିର ପ୍ରାକୃତିକ ବିଭବ ଅନନ୍ୟ

**୨୧ତମ ଉଗରା ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ**

**କାଳିପଦା, ୧୫।୧(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଉଗରା ବେଳାଭୂମିର ଧାଡ଼ି ଧାଡ଼ି ଝାଉଁ ବିଥିକା, ସୁବିସ୍ତୀର୍ଣ୍ଣ ବାଲୁକା ଶେଯ, ଅଗଭୀର ସମୁଦ୍ରର ମାଳ ମାଳ ଲହଡି, ନାଲି ଗାଲିଚା ସଦୃଶ ମାଳ ମାଳ ନାଲି କଙ୍କଡାଙ୍କ ସମାବେଶ, ଶାନ୍ତ ପରିବେଶ ଆଦି ପ୍ରାକୃତିକ ବିଭବରେ ଅନନ୍ୟ ଓ ଅତୁଳନୀୟ ବୋଲି ମଙ୍ଗଳବାର ସନ୍ଧ୍ୟାରେ ୨୧ତମ ଉଗରା ବେଳାଭୂମି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଉତ୍ସବ କମିଟି ସଭାପତି ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ଉଦଘାଟିକା, ପୂର୍ବାଞ୍ଚଳ ପୋଲିସ ବିଭାଗ ଡିଆଇଜି ସତ୍ୟଜିତ ନାୟକ ମୁଖ୍ୟଅତିଥି, ପ୍ରାକ୍ତନ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଡ. କାର୍ତ୍ତିକ ପ୍ରସାଦ ଜେନା ମୁଖ୍ୟବକ୍ତା, ଅତିଥି ଭାବେ କର୍ଣ୍ଣେଲ ବି ତ୍ରିପାଠୀ, ଉଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ଦାସ ମଞ୍ଚ ଆବାହନ, ରବିରଞ୍ଜନ ତ୍ରିପାଠୀ ସ୍ୱାଗତଭାଷଣ, ସମ୍ପାଦକ ସୁବଳ ଚନ୍ଦ୍ର ଦାସ ବିବରଣୀ ପାଠ କରିଥିଲେ। ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଗରା ଅନନ୍ତ ବଳିଆ ସଙ୍ଗୀତ ବିଦ୍ୟାଳୟର ହରିପଦ ଦାସ ଓ ଛାତ୍ରୀଛାତ୍ରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିବା ବେଳେ ବାଲେଶ୍ୱରର ଗୀତସାଗର ମେଲୋଡିର କଳାକାର ଓ ଆଲବମ ତାରକା ପାୟଲଙ୍କ ନୃତ୍ୟରେ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଅତିଥିଗଣ।

# ପୂର୍ବଶତ୍ରୁତା ନେଇ ଠେଙ୍ଗାରେ ପିଟି ହତ୍ୟା

**ଔପଦା, ୧୫।୧(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ଥାନା କୁସୁନ୍ଦାସପୁର ଗ୍ରାମରେ ମକରସଂକ୍ରାନ୍ତିରେ ପୂର୍ବଶତ୍ରୁତାକୁ ନେଇ ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ଦିନଦ୍ୱିପ୍ରହରରେ ଠେଙ୍ଗାରେ ପିଟି ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ପକ୍ଷରୁ ଏକ ହତ୍ୟା ମାମଲା (ନଂ. ୬/୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରବୋଦ କୁମାର ନାୟକ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ଗ୍ରାମର ମିଥୁନ ନାୟକ ପୋଖରୀ ହୁଡାରେ ନନ୍ଦକିଶୋର ପାତ୍ରଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ନନ୍ଦକିଶୋରଙ୍କର ମୁଣ୍ଡ, ଛାତି, କାନ୍ଧ, ପିଠିରେ ଗଭୀର ଆଘାତ ଲାଗିଥିଲା। ପରେ ପରିବାର ଲୋକେ ନନ୍ଦକିଶୋରଙ୍କୁ ଚିକିତ୍ସା ପାଇଁ ଖଇରା ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତ ନନ୍ଦକିଶୋରଙ୍କ ସ୍ତ୍ରୀ ମାଳତୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଆକ୍ରମଣରେ ବ୍ୟବହାର ଠେଙ୍ଗାକୁ ଜବତ କରିଥିବା ପୋଲିସ ସୂଚନା ଦେଇଛି।

# ଗୋଡ଼ଭଙ୍ଗାରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ଦାବି

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ଦାବିପତ୍ର**

**ଠାକୁରମୁଣ୍ଡା, ୧୫।୧(ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ଅଧୀନ ଧାତକିଡ଼ିହା ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ପ୍ରତିଷ୍ଠାକୁ ନେଇ ବିବାଦ ଲାଗିରହିଛି। ଗୋଡ଼ଭଙ୍ଗାଠାରେ ପଞ୍ଚାୟତ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଗୋଡ଼ଭଙ୍ଗା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସୋମବାର ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଦୀର୍ଘ ୮ ବର୍ଷ ହେବ ନୂତନ ଭାବରେ ଧାତକିଡ଼ିହା ପଞ୍ଚାୟତ ଘୋଷଣା ହୋଇଛି। ନୂତନ ପଞ୍ଚାୟତରେ ଶାଳଚୁଆ ପଞ୍ଚାୟତକୁ ବିଭାଜନ କରାଯାଇ ଧାତକିଡିହା ଗ୍ରାମକୁ ଅଣାଯାଇଥିଲା। ସାତକୋଶିଆ ପଞ୍ଚାୟତକୁ ବିଭାଜନ କରି ଗୋଡ଼ଭଙ୍ଗା ଗ୍ରାମକୁ ନେଇ ନୂତନ ଭାବରେ ଧାତକିଡିହା ପଞ୍ଚାୟତ ଗଠନ କରାଯାଇଥିଲା। କିନ୍ତୁ ଗୋଡ଼ଭଙ୍ଗା ଗ୍ରାମବାସୀଙ୍କୁ ସୂଚନା ନ ଦେଇ ନୂତନ ଧାତକିଡ଼ିହା ପଞ୍ଚାୟତରେ ସାମିଲ କରାଯାଇଛି। ଗୋଡ଼ଭଙ୍ଗା ଗ୍ରାମଟି ରାଜ୍ୟ ରାଜପଥ କଡ଼ରେ ଥିବା ବେଳେ ସେହି ରାସ୍ତାରେ ପୂର୍ବରୁ ଥିବା ସାତକୋଶିଆ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ତେଣୁ ଗ୍ରାମବାସୀଙ୍କୁ ସୁବିଧା ହେଉଥିଲା। ଏବେ ସେମାନେ ସାମିଲ ହୋଇଥିବା ନୂତନ ପଞ୍ଚାୟତର କାର୍ଯ୍ୟାଳୟ ଜଙ୍ଗଲ ଭିତରେ ଥିବା ଧାତକିଡିହା ଗ୍ରାମରେ ହେଲେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଗୋଡ଼ଭଙ୍ଗାଠାରେ ପର୍ଯ୍ୟାପ୍ତ ସରକାରୀ ଜାଗା ଥିବାରୁ ସେଠାରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ଏଠାରେ ସୂଚନା ଥାଉକି, ଦୀର୍ଘ ବର୍ଷ ଧରି ନୂତନ ଗଠିତ ଧାତିକିଡ଼ିହା ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନକୁ ନେଇ ଗୋଡ଼ଭଙ୍ଗା ଓ ଧାତିକିଡ଼ିହା ଗ୍ରାମ ମଧ୍ୟରେ ବିବାଦ ଉପୁଜିଛି। ପ୍ରଶାସନ ଏହାର ସମାଧାନ ଉଦ୍ୟମ କରିବାକୁ ଯାଇ ବିଫଳ ହୋଇଛି।

# ଅବହେଳିତ ଅବସ୍ଥାରେ ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର

**ସୁଧାର ନେଇ ଉପଜିଲାପାଳଙ୍କୁ ଦାବିପତ୍ର**

**ନୀଳଗିରି, ୧୫।୧(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘଦିନ ଧରି ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ସରକାରୀକରଣ କରିବା ଓ ଅବ୍ୟବସ୍ଥାର ସୁଧାର ହେବା ନେଇ ବାରମ୍ବାର ପ୍ରତିଶ୍ରୁତି ମିଳୁଛି, ହେଲେ ଫଳ ଶୂନ।

ନୀଳଗିରିଠାରୁ ୧୦ କି.ମି. ଦୂର ମିତ୍ରପୁରଠାରେ ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ୨୦୦୪ ମସିହା ଏପ୍ରିଲ ୧ ତାରିଖରେ ସ୍ଥାନୀୟ କେତେକ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଡାକ୍ତରଖାନା ନାମରେ ୧ ଏକର ୮୦ଡିସମିଲ ଜମି ଅଞ୍ଚଳବାସୀ ଦାନ କରିଛନ୍ତି। ୧,୦୦୦ ବର୍ଗଫୁଟ୍‌ରେ ନିଜସ୍ୱ ପକ୍କାଘର ରହିଛି। ଉକ୍ତ ଚିକିତ୍ସାଳୟ ଉପରେ ମିତ୍ରପୁର ଆଖପାଖ ୭ଟି ପଞ୍ଚାୟତର ଅଧିବାସୀ ସ୍ୱାସ୍ଥ୍ୟସେବା ପାଇ ଆସୁଛନ୍ତି। ଦୈନିକ ହାରାହାରି ୬୦ରୁ ୭୦ ରୋଗୀ ଏଠାରେ ଚିକିତ୍ସିତ ହୋଇଥାନ୍ତି। ଏବେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳାଇବା ଅଞ୍ଚଳବାସୀଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏ ଅଞ୍ଚଳରେ କିଛି ପଥର ଖାଦାନ ସରକାରଙ୍କ ତରଫରୁ ଲିଜ୍ ଦିଆଯାଇଥିଲା। ଉକ୍ତ ଖାଦାନଗୁଡ଼ିକୁ ସରକାର ଦୀର୍ଘବର୍ଷ ଧରି ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖିଛନ୍ତି। ତେଣୁ ଅଞ୍ଚଳର ଆର୍ଥିକ ପରିସ୍ଥିତି ଦୁର୍ଦ୍ଦିନରେ ଗତି କରୁଅଛି। ଦୀର୍ଘ ୨୦ ବର୍ଷ ଧରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚଳାଇ ଆସିଥିବା ବେଳେ ଓଡ଼ିଶା ସରକାରଙ୍କୁ ବହୁ ଆବେଦନ କଲେ ମଧ୍ୟ ଆବେଦନକୁ ସରକାର ଆଜି ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କୁ ପାରିଶ୍ରମିକ ଦେବା କଷ୍ଟ ସାଧ ହେଉଛି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଓଡ଼ିଶା ସରକାର ସ୍ୱାସ୍ଥ୍ୟ ବିଭାଗ ନିଜ ହାତକୁ ନେଇ ସରକାରୀ ଡାକ୍ତରଖାନା କରିବା ପାଇଁ ବାଲେଶ୍ୱର ଜିଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀ ତଥା ବହୁ ରାଜନେତାଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗକୁ ବହୁବାର ପତ୍ର ମାଧ୍ୟମରେ ସୁପାରିଶ କରିଥିଲେ ମଧ୍ୟ ସରକାରୀ ହୋଇପାରିନାହିଁ। ଓଡ଼ିଶା ସରକାର ସ୍ୱାସ୍ଥ୍ୟବିଭାଗ ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ଅନୁଷ୍ଠାନକୁ ସରକାରୀସ୍ତରରେ ଅବହେଳାର କାରଣ ଏବେ ବି ଅସ୍ପଷ୍ଟ ସହ ସରକାରୀକରଣ ନ ହେବାର କାରଣ ଏ ଅଞ୍ଚଳବାସୀ ଜାଣିପାରୁନାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ୧୦ରୁ ୧୫ କି.ମି.ଦୂର। ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସମ୍ପୂର୍ଣ୍ଣ ଭାବେ ଅବଗତ ଅଛନ୍ତି। ବହୁବାର ମଧ ଓଡ଼ିଶା ସ୍ୱାସ୍ଥ୍ୟବିଭାଗକୁ ପତ୍ର ମାଧ୍ୟମରେ ସୁପାରିଶ କରିଛନ୍ତି। ତାଙ୍କ ନିର୍ଦ୍ଦେଶରେ ସପ୍ତାହରେ ୧ ଦିନ ସରକାରୀ ଡାକ୍ତର ଆସୁଛନ୍ତି। ପ୍ରତ୍ୟେକ ମାସରେ ଔଷଧ ମଧ୍ୟ ଦେଇଛନ୍ତି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିନି ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦିଆଗଲେ ଅଞ୍ଚଳର ଦୀର୍ଘବର୍ଷର ଆଶା ପୂରଣ ହେବା ସହିତ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାରେ ଉନ୍ନତି ପରିଲକ୍ଷିତ ହେବା ନେଇ ବୁଧବାର ଅଞ୍ଚଳବାସୀଙ୍କ ପକ୍ଷରୁ ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ସରକାରଙ୍କୁ ଅବଗତ କରାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।



ମିତ୍ରପୁର ସ୍ୱାସ୍ଥ୍ୟ ସେବା କେନ୍ଦ୍ର।

## ସଂକ୍ଷେପରେ

### ଘରେ ନିଆଁ ଲଗାଇ ଯୁବକ ଗିରଫ

ପାଟଣା,୧୫।୧ (ବୀରକିଶୋର ଦାଶ)

ଘରେ ନିଆଁ ଲଗାଇଦେବା ଅଭିଯୋଗରେ ବୁଧବାର କେନ୍ଦୁଝର ଜିଲା ପାଟଣା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ କୁମୁଳାବାହାଳି ଗ୍ରାମର ସଞ୍ଜୟ ତନ୍ତୀ(୨୮)। ସଞ୍ଜୟ ତାଙ୍କ ସ୍ତ୍ରୀ ମିନତିଙ୍କ ସହ ଝଗଡ଼ା କରି ଗତ ସୋମବାର ଘରେ ନିଆଁ ଲଗାଇ ଦେଇଥିଲେ। ଘରେ ଥିବା ସମସ୍ତ ସାମଗ୍ରୀ ଜଳି ନଷ୍ଟ ହୋଇଯାଇଥିଲା। ମିନତିଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୮/୨୫) ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିବା ଏଏସ୍ଆଇ ଧନେଶ୍ୱର ପାତ୍ର କହିଛନ୍ତି।

### ବରିଷ୍ଠ ଖବରଦାତାଙ୍କ ପରଲୋକ

କେନ୍ଦୁଝର,୧୫।୧ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବରିଷ୍ଠ ଖବରଦାତା ନୃସିଂହ ଚରଣ ସାହୁ (୯୦)ଙ୍କ ବୁଧବାର ତାଙ୍କ ଜନଷ୍ଟନଗଞ୍ଜ ବାସ ଭବନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ



ଜନିତ ରୋଗରେ ପୀଡ଼ିତ ଥିଲେ। ସେ ରାଜ୍ୟ ଓ ଦେଶର ବହୁ ପ୍ରତିଷ୍ଠିତ ଖବରକାଗଜରେ କାମ କରି ସୁନାମ ଅର୍ଜନ କରିଥିଲେ। ଶେଷ ଶଯ୍ୟା ନିକଟରେ ସ୍ତ୍ରୀ, ବଡ଼ପୁଅ କିଶୋର, ସାନପୁଅ ତୁଷାର, ପୁତ୍ରବଧୂ, କନ୍ୟା, ଜାମାତା ନାତି, ନାତୁଣୀ ଉପସ୍ଥିତ ଥିଲେ। ଧାଙ୍ଗଡ଼ପଡାସ୍ଥ ଆଦର୍ଶ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ଅନେକ ଫୋଟଗ୍ରାଫର, ଜିଲା ଖବରଦାତା ଗଭୀର ଶୋକ ପ୍ରକାଶ କରିଛନ୍ତି।

### କାଠକଟାରେ ଟୁସୁ ଦେବୀଙ୍କ ପୂଜାର୍ଚ୍ଚନା



ଆନନ୍ଦପୁର,୧୫।୧ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କାଠକଟା ହାଟପଡ଼ିଆଠାରେ ଟୁସୁ ଦେବୀଙ୍କୁ ପୂଜାକଲେ କୁଡୁମୀ ସମାଜ। ମୁଖ୍ୟତଃ ଏହି ପର୍ବ ପାଇଁ ମହାନ୍ତ ସମ୍ପ୍ରଦାୟର ଲୋକମାନେ ଟୁସୁ ଦେବୀଙ୍କୁ ପୂଜା କରିଥାନ୍ତି। ଏହି ଅବସରରେ ଆଖପାଖ ଅଞ୍ଚଳରୁ ଟୁସୁ ମୂର୍ତ୍ତିକୁ ସଜାସଜି କରି ଶୋଭାଯାତ୍ରାରେ ଗୀତ ଗାନ କରି ବାରାଗଡ଼ିଆ, କଡ଼ରାପାଳ କାଠକଟା, ଯୋଗିଆବନ୍ଧା, ଚିଲଝରି, ବାରୁଆଁ, କାଠକଟା ସହ ଅନେକ ସ୍ଥାନରୁ କାଠକଟା ହାଟ ପଡ଼ିଆକୁ ଆଣିଥିଲେ। ସନ୍ଧ୍ୟାରେ ନାଚ ଗୀତ କରି ଶେଷରେ ଟୁସୁ ଦେବୀଙ୍କୁ ବିସର୍ଜନ କରିଥିଲେ।

# ଆବାସ ଅର୍ଥ ପ୍ରଦାନ ବିଳମ୍ବକୁ ନେଇ ହୋହଲ୍ଲା

## ହାଟଡ଼ିହୀ ପଞ୍ଚାୟତ ସମିତି ବୈଠକ

ବଉଳା,୧୫।୧ (ଦୁର୍ଗା ପ୍ରସାଦ ଆୟଚ)



ବୈଠକରେ ଉପସ୍ଥିତି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ଅନ୍ୟମାନେ।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ଓ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ କରି ପଞ୍ଚାୟତଗୁଡ଼ିରେ ଆବସ ଗୃହ ଓ ଏମଜିଏନ୍ଆରଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) କାମ ଅର୍ଥ ପ୍ରଧାନରେ ବିଳମ୍ବକୁ ନେଇ ହୋହଲ୍ଲା ହୋଇଥିଲା।

ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀଙ୍କ ସଭାପତିତ୍ୱରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିଲା ପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ସୁକାନ୍ତୀ ଜେନା ଓ ବିଦ୍ୟାଧର ବିଶ୍ୱାଳ, ବ୍ଲକ୍ ଉପାଧକ୍ଷ ରତିକାନ୍ତ ରାଉତ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିପିଓ ଶରତ କୁମାର ବେଜ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ ୩୦, ୩୮୩ ଜଣ ହିତାଧିକାରୀ କେୱାଇସି କରି ନ ଥିବା ସୂଚନା ଦେଇଥିଲେ। କେତେଜଣ ରିଟେରଲ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସରପଞ୍ଚମାନେ କହିଥିଲେ। ଏଥିସହ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ଥିବା ୨୧୯ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୭୮ଟିର ନିଜସ୍ୱ ଗୃହ ନ ଥିବା, ଆବାସ ଗୃହ ଏବଂ ଏମ୍‌ଜିଏନ୍ଆର୍‌ଇଜିଏସ୍‌ରେ କାର୍ଯ୍ୟ ଅର୍ଥ ମିଳୁ ନ ଥିବା ସରପଞ୍ଚମାନେ ଅଭିଯୋଗ କରି ହୋ ହଲ୍ଲା କରିଥିଲେ। ବୈଠକ ସଭାଗୃହରେ ହେଉଥିବା ଆଲୋଚନା ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନ ଥିବା ସରପଞ୍ଚ ରବିନ୍ଦ୍ର ଜେନା ଅଭିଯୋଗ କରିଥିଲେ। ଏମଜିଏନ୍ଆର୍‌ଇଜିଏସ୍ କାର୍ଯ୍ୟରେ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ କାର୍ଯ୍ୟ ହୋଇ ପାରୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବଂଚୋ ପଞ୍ଚାୟତର କିଛି ପକ୍କାଗୃହ ସମ୍ପୂର୍ଣ୍ଣ ହୋଇ ନ ଥିଲେ ବି ଅନ୍‌ଲାଇନ୍‌ରେ ସମ୍ପୂର୍ଣ୍ଣ ହୋଇଯାଇଥିବା ଦର୍ଶାଯାଇଥିବାରୁ ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅବ୍ୟବସ୍ଥାକୁ ନେଇ ବିଧାୟକ ସେଠୀ ଉଦବେଗ୍ ପ୍ରକାଶ କରିଥିଲେ। ବ୍ଲକ୍ କୃଷି ଅଧିକାରୀ ଦେବୀ ପ୍ରସାଦ ଖୁଣ୍ଟିଆ, ଏବିଇଓ ପ୍ରମୋଦ ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ

ଚମ୍ପୁଆ/ଝୁମ୍ପୁରା,୧୫।୧ (ମହେଶ୍ୱର ଦାସ/ଶଶିଭୂଷଣ ସାହୁ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ପରିବହନ ବିବାଦ ବଢ଼ିବାରେ ଲାଗିଥିବା ବେଳେ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟିଛି। ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ କାର୍ଯ୍ୟକ୍ରମ ସମୟରେ ରାଇକଳାଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସଂଘ କର୍ମକର୍ତ୍ତାମାନେ ଲିଖିତ ଅଭିଯୋଗ କରିଛନ୍ତି। ଏହି ସମୟରେ ପରିବହନ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରାଯାଇଛି। ସୂଚନା ଅନୁସାରେ, କିଛିଦିନ ହେବ ଟ୍ରକ୍ ଯୋଗେ ଖଣିଜ ପରିବହନ ସେବା ଏକ ପ୍ରକାର ବିଗିଡ଼ି ଯାଇଛି। ଟ୍ରକ୍ ମାଲିକମାନେ ନାନା ସମସ୍ୟାର ସମ୍ମୁଖୀନ ହେବା ସହିତ ମାସିକ ଋଣ ସୁଝିପାରୁନାହାନ୍ତି। ଅନ୍ୟପକ୍ଷରେ ଖଣି ଅଞ୍ଚଳର କମ୍ପାନୀମାନେ ଟ୍ରକଯୋଗେ ମାଲ ପରିବହନକୁ ଗୁରୁତ୍ୱ ଦେଉ ନ ଥିବାରୁ ମାଲିକମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ନେଇ ପୂର୍ବରୁ ସଂଘ ପକ୍ଷରୁ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରାଯିବା ସହ ୧୨ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାର ନିଷ୍ପତ୍ତି ନେବାପରେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ହସ୍ତକ୍ଷେପ ପରେ ଆନ୍ଦୋଳନକୁ ୨୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଗତ ୧୪ ତାରିଖ ଦିନ ସଂଘ ସମ୍ପାଦକ ରାଜେନ୍ଦ୍ର ବାରିକ,ଏମ୍‌ଡି ନୟାବ, ପ୍ରଭାସ ସାହୁ ସମେତ ବହୁ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ସମସ୍ୟା ବିଷୟରେ ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ସମସ୍ୟା ସମ୍ବନ୍ଧରେ ସମାଧାନର ପଦକ୍ଷେପ ନେବାକୁ ନିର୍ଦ୍ଦେଷ ଦେଇଥିଲେ।

# ଅଟେଇରେ ବାଘ ଦେଖିଲେ ପର୍ଯ୍ୟଟକ

ଘଟଗାଁ,୧୫।୧ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଅଟେଇ ଜଙ୍ଗଲ ସଫାରୀରେ ପର୍ଯ୍ୟଟକ ବାଘ ଦେଖିଛନ୍ତି। କାଦବାହାଳୀସ୍ଥିତ ଝୁଲାପୋଲ ପାରହେବା ନିକଟରେ ୨ କଲରାପତରିଆ ବାଘ ଦେଖିଥିବା ଜଣାପଡ଼ିଛି। ଘଟଣାରେ ସତ୍ୟତା ରହିଛି। ଏହାର ପୁଙ୍ଖାନୁ ପୁଙ୍ଖ ଦୃଶ୍ୟ ଦିନେ ଦୁଇଦିନ ପରେ ସମ୍ପୃକ୍ତ ଅଞ୍ଚଳର ଟ୍ରାପ୍ କ୍ୟାମେରା ଯାଞ୍ଚକରି ସ୍ୱଷ୍ଟ କରାଯିବ ବୋଲି ଫରେଷ୍ଟର ରବିନ୍ଦ୍ର କୁମାର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ସମୟ ପ୍ରାୟ ୫ଟ ୩୦ ମିନିଟ୍‌ରେ ଅଟେଇ ଜଙ୍ଗଲ ସଫାରୀ ଗାଡ଼ି ଜଙ୍ଗଲ ବୁଲି ପର୍ଯ୍ୟଟକଙ୍କୁ ନେଇ ଫେରୁଥିଲା। କାଦବାହାଳୀସ୍ଥିତ ଝୁଲାପୋଲ ପାର ହେବା ସମୟରେ ୨ କଲରାପତିରିଆ ବାଘ ଦେଖାଯାଇଥିଲା। ସେଠାରେ ପର୍ଯ୍ୟଟକ କିଛି ସମୟ ଅଟକି ବାଘ ଦେଖିଥିବା ବେଳେ କିଛି ସମୟ ପରେ ବାଘ ଲମ୍ଫ ପ୍ରଦାନ କରି ବାଘଟି ଜଙ୍ଗଲ ଭିତରକୁ ପଳାଇଥିଲେ। ବାଘ ଦେଖିବା ପରେ ଜଙ୍ଗଲ ସଫାରୀରେ ବସିଥିବା ସମସ୍ତ ପର୍ଯ୍ୟଟକ ଖୁସିବ୍ୟକ୍ତ କରିଥିବା ଜଣାଯାଇଛି। ପର୍ଯ୍ୟଟକ ସ୍ୱରୂପ ଦାସ କହିଛନ୍ତି, ସାଙ୍ଗସାଥୀ ହୋଇ ଜଙ୍ଗଲ ସଫାରୀରେ ବସି ଅଟେଇ ଯାଇଥିଲେ। ସେମାନେ ଜଙ୍ଗଲରେ ହରିଣ, ବାରହା ଓ କଲରାପତିରିଆ ବାଘଦେଖିବା ସହ ହରିଣଜୋନ୍, ୱାଚଟାୱାର, ଦରଗଡଶିଳା ବିଦ୍ୟୁତପ୍ରକଳ୍ପ ଓ ଡ୍ୟାମସାଇଡ ବୁଲି ଦେଖିଥିବା କହିଥିଲେ। ଅନ୍ୟପକ୍ଷରେ ବାଘ ଦେଖିବା ପରେ ଗାଡ଼ିରେ ବସିଥିବା ବୀଣାପାଣି ଜେନା ଗାଡ଼ିର ନିରାପଦ ପାଇଁ ଗାଡ଼ିରେ ଜାଲି ଲଗାଇବା ପାଇଁ ଦାବି ଜଣାଇଥିଲେ।

## ଧାନବେଣୀ ମକର ମହୋତ୍ସବ, ଟୁସୁ ସମ୍ମିଳନୀ

# ସାନନୂଆଗାଁ ଟୁସଦଳ ବିଜୟ

କେନ୍ଦୁଝର,୧୫।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଧାନବେଣୀ ମକର ମହୋତ୍ସବ, ଟୁସୁ ସମ୍ମିଳନୀ

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ବକ୍ସିବାରିଗାଁ ପଞ୍ଚାୟତର ଧାନବେଣୀଠାରେ ଆଞ୍ଚଳିକ ବିକାଶ ମଞ୍ଚ ଝୁଙ୍ଗା ପଞ୍ଚାୟାତ ତରଫରୁ ମକର ମହୋତ୍ସବ ଓ ଟୁସୁ ସମ୍ମିଳନୀ ପାଳିତ ହୋଇଯାଇଛି। ଆଞ୍ଚଳିକ ବିକାଶ ମଞ୍ଚର ଉପଦେଷ୍ଟା ରୁଦ୍ର ସେନଜିତ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଡା ଫକୀରମୋହନ ନାଏକ ଯୋଗଦେଇ ଜିଲାର ଗଣପର୍ବ ମକର ସଂକ୍ରାନ୍ତିର ଅନୁଭୂତିର ଅନେକ କଥା ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ତଥା ଲେଖକ ରତ୍ନାକର ମହାନ୍ତ କୁଡୁମୀଜାତିର ପ୍ରତିକ ଟୁସୁ ମୋନୀର ଗୁଣଗାନ କରି ତାଙ୍କର ଜାତି ଓ ସତିତ୍ୱର ରକ୍ଷା ପାଇଁ ମକର ସଂକ୍ରାନ୍ତି ଦିନ ନଦୀରେ ଝାସଦେଇ ଉତ୍ସର୍ଗୀକୃତ କରିଥିଲେ। କୁଡୁମୀଜାତିର କୃଷିଭିତ୍ତିକ ପର୍ବ ମକର ଓ ଟୁସୁ ପର୍ବ ପାଳନ ବିଷୟଗୁଡ଼ିକ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବରେ ଏମ୍‌ପିଙ୍କ ପ୍ରତିନିଧି ଯଶୋସ୍ୱିନୀ ବଳ, ଅଶୋକ ବେହେରା, ଯୁବ ସାହିତ୍ୟିକ ଝସକେତନ ମହାନ୍ତ, ଯୁବ ସଫ୍ଟୱେୟାର ଡେଭେଲପର ଶୁଭ୍ରାଂଶୁ ଶେଖର ମହାନ୍ତ, ହାଣ୍ଡିଭଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନମିନା ହାଁସଦା ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ବିକାଶ ମଞ୍ଚର ସମ୍ପାଦକ ମନୋଜ ପଟେଲ ଓ ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ ଗ୍ରାମରୁ ଆସିଥିବା ଟୁସଦଳ ଓ ସାଂସ୍କୃତିକ ଦଳ ପ୍ରତିଯୋଗିତା ମାଧ୍ୟମରେ ନିଜର କଳାପ୍ରଦର୍ଶନ କରିଥିଲେ। ଆଞ୍ଚଳିକ ବିକାଶ ମଞ୍ଚର ସଭାପତି ଟୁସୁଦଳ ବିଜେତା ୧ମ ସାନନୂଆଗାଁ, ୨ୟ କୁଣ୍ଢେଇ ଦଳ ଓ ୩ୟ ବଲାଣୀ ପଶି ଚାପୁଲିଆ ସାହିଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସାଂସ୍କୃତିକ ଦଳ ତାଳଡ଼ିହ ଓ ଶିରିଷପାଳ ଦଳକୁ ଯୁଗ୍ମ ବିଜେତା ଭାବରେ ପୁରସ୍କାର ପ୍ରଦାନ କରାଯାଇଥିଲା। ପଦ୍ମିନୀ ମହାନ୍ତ, ସୁରେଶ ବେହେରା, ସରୋଜକାନ୍ତ ମହାନ୍ତ, ହୀରାଲାଲ ମହାନ୍ତ, ଗଣେଶ୍ୱର ମହାନ୍ତ, ହାଡ଼ିବନ୍ଧୁ ମହାନ୍ତ, ଅଜିତ୍ ବାରିକ, ଅଯୋଧ୍ୟା ଘଣା, ମନୋଜ ମହାନ୍ତ, ବିନାୟକ ମହାନ୍ତ, ରୁକ୍ମଣୀ ମହାନ୍ତ, ଭରତ ମହାନ୍ତ, କିଶୋର ମାଝୀ ପ୍ରମୁଖ ପରିଚାଳନା କରିଥିଲେ।

# ମାସିକ ସନ୍ଥ ଦିବସ

ବାରିପଦା,୧୫।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମଧୁବନସ୍ଥିତ ବାରୁଣେଶ୍ୱର ସଭାକକ୍ଷରେ ପୂର୍ଣ୍ଣମୀ ତିଥିରେ ସଭାବନା ସମିତିର ୫୪୯ତମ ମାସିକ ସନ୍ଥ ଦିବସ ଇଂ. ସର୍ବେଶ୍ୱର ଭୂୟାଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦଙ୍କ ବାଣୀ ଦରିଦ୍ରକୁ ଦୟାର୍ଦ୍ର ହେଲେ ମହାତ୍ମା ନଚେତ୍ ଦୁରାତ୍ମା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ କହିଥିଲେ, ଧନ ଥାଇ ଯିଏ ଗରିବଙ୍କୁ ସାହାଯ୍ୟ ନ କରେ ସେପରି ଧନୀ ସମାଜରେ ସମ୍ମାନ ପାଇ ନ ଥାନ୍ତି। ପ୍ରବକ୍ତା ଭାବେ ଖବରଦାତା ଡ. ବିଜୟ ଅଗରୱାଲା, ଜିଲା ଦକ୍ଷତା ବିକାଶ ଅଧିକାରୀ ଆଶିଷ ବସନ୍ତିଆ, ବିବେକାନନ୍ଦ କେନ୍ଦ୍ରର ପ୍ରାନ୍ତିଆ ସଙ୍ଗଠକ ଅମୀୟ କର, ସଞ୍ଚାଳକ ସନ୍ଦୀପ ଚାନ୍ଦ, ବ୍ରହ୍ମ ସମାଜ ସଞ୍ଚାଳକ ରବୀନ ବାନାର୍ଜୀ, ମୁନି ସମାଜର ଶିରିଷ ଚନ୍ଦ୍ର ସାହୁ, ସତ୍ୟସାଇ ସେବା ସଂସ୍ଥାନର ସଞ୍ଚାଳକ ମାନସ ମହାପାତ୍ର, କୁଞ୍ଜବନ ପୃଷ୍ଟି, ମଧୁବନ ବରିଷ୍ଠ ନାଗରିକ ସଂଘର ସଭାପତି ଯୋଗେନ୍ଦ୍ର ନାଥ ପଣ୍ଡା ଓ ରଘୁନାଥ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ସତ୍ୟାନନ୍ଦ ସେଜପଡା କାର୍ଯ୍ୟକ୍ରମ ଆଭିମୁଖ୍ୟ ଓ ସହ ସମ୍ପାଦକ ଇଂ ସରୋଜ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କିକୋଟ୍‌ରେ ସେନା ଦିବସ




ଅବସରପ୍ରାପ୍ତ ସେନା କର୍ମଚାରୀମାନେ।

ଢେଙ୍କିକୋଟ,୧୫।୧ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ପବିତ୍ର ସେନା ଦିବସ ପାଳିତ ହୋଇଯାଇଛି। ଘଟଗାଁ ବ୍ଲକ୍‌ରେ ଥିବା ଉତ୍କଳ ସେନା ନିବୃତ୍ତ ସେନାନୀ ସଂଘର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ସେନା କର୍ମଚାରୀ ବଳଭଦ୍ର ମହାକୁଡ଼ଙ୍କ ନେତୃତ୍ୱରେ ଢେଙ୍କିକୋଟ ଡାକ ବଙ୍ଗଳା ଥରେ ଘଟଗାଁ ବ୍ଲକ୍‌ରେ ଥିବା ସମସ୍ତ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଯଦୁମଣି ବେହେରା ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅବସରପ୍ରାପ୍ତ ବରିଷ୍ଠ ଶାଖା ପରିଚାଳକ ପ୍ରଫୁଲ୍ଲ ସିଂହ, ସମ୍ମାନୀୟ ଅତିଥିଭାବେ ରାମଚନ୍ଦ୍ର ସାହୁ, ସେକ୍ ଜାବେର, ଫଜିଲ କରିମ ଯୋଗ ଦେଇଥିଲେ। ଦିବଗଂତ ସେନା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଅଞ୍ଚଳର ବରିଷ୍ଠ ସେନା ଅଧିକାରୀ କମାଣ୍ଡର ନରେନ୍ଦ୍ର ନାୟକ, କୀର୍ତ୍ତନ ବିହାରି ମହାନ୍ତ, ଭୋଳାନାଥ ମହାନ୍ତ, ଦୁଃଖବନ୍ଧୁ ବାରିକ, ଯଦୁମଣି ବେହେରା, ଦିଲ୍ଲୀପ ବେଜ, ବଳଭଦ୍ର ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ନାୟକ, ଅଙ୍ଗଦ ମହାନ୍ତ, ଦୋଳଗୋବିନ୍ଦ ପାତ୍ର, ମାନସରଞ୍ଜନ ଦାସ, ମଞ୍ଜୁଲତା ମହାକୁଡ଼ ଓ ଦୀପକ ଜେନା ଯୋଗ ଦେଇ ସହଯୋଗ କରିଥିଲେ।

# ସିଆର୍‌ସିସି ନିଯୁକ୍ତିରେ ବିଳମ୍ବ ନେଇ ଅସନ୍ତୋଷ

ଛେନାପଦି,୧୫।୧ (ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ସିଆର୍‌ସିସି ନିଯୁକ୍ତି କ୍ଷେତ୍ରରେ ଅହେତୁକ ବିଳମ୍ବକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନବୃତ୍ତି ଯୋଗୁ ଏପରି ଘଟୁଥିବା ଅଭିଯୋଗ ହେଉଛି। ସିଆର୍‌ସିସିଙ୍କ କାର୍ଯ୍ୟକାଳର ସମୟ ସୀମା ନିର୍ଦ୍ଧାରଣ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନି। ଯାହାକୁ ନେଇ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସିଆର୍‌ସିସମାନେ ଶିକ୍ଷା ବ୍ୟବସ୍ଥାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସେମାନଙ୍କ ଦ୍ୱାରା ଶୈକ୍ଷିକ ସାହାର୍ଯ୍ୟ, ସମସ୍ତ ବିଦ୍ୟାଳୟର ତଥ୍ୟ ସଂଗ୍ରହ ଭଳି ଅନେକ କାର୍ଯ୍ୟ ହୋଇଥାଏ। ସେମାନେ ୧୫ ଦିନ ସିଆର୍‌ସିସି କାର୍ଯ୍ୟ କରିବା ସହିତ ୧୫ ଦିନ ନିଜ ବିଦ୍ୟାଳୟରେ ଶିକ୍ଷାଦାନ କରିବାର ନିୟମ ରହିଛି। ସିଆରସିସିଙ୍କ କାର୍ଯ୍ୟକାଳ ୫ ବର୍ଷ ହୋଇଥିବା ବେଳେ କାର୍ଯ୍ୟକାଳ ପରେ ମୂଳ ସ୍କୁଲକୁ ଫେରିଯିବାର ନିୟମ ରହିଛି। ମାତ୍ର ପଢ଼ିଆରିପଲ୍ଲୀ କ୍ଲଷ୍ଟରରେ ସିଆରସିସି ୭ ବର୍ଷ ହେଲା ସିଆରସିସି ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ପଦବୀରୁ ହଟାଯାଉନି। ସେହିପରି ବର୍ତ୍ତମାନ ବ୍ଲକ୍‌ର ୨୧ଟି କ୍ଲଷ୍ଟର ମଧ୍ୟରୁ ଗତ ଜୁଲାଇରୁ ଢେଙ୍କା, ବାଙ୍ଗୋର, ମୁଗୁପୁର, ଢେଙ୍କା, ହଦଗଡ଼, ବାଲିବରେଇ, କେ ବାଲିପାଳ, ସଡା, ଷଡ଼ଙ୍ଗ, ଆମ୍ବୋ ଆଦି କ୍ଲଷ୍ଟରରେ ସିଆର୍‌ସିସି ପଦବୀ ଖାଲିପଡ଼ିଛି। ଆବଶ୍ୟକ ସଂଖ୍ୟକ ସିଆର୍‌ସିସି ଅଭାବରୁ ବିଦ୍ୟାଳୟସ୍ତରୀୟ ଶୈକ୍ଷିକ କାର୍ଯ୍ୟକ୍ରମ ଠିକ୍ ଭାବେ ତଦାରଖ ହୋଇପାରୁନି। କିଛି ସିଆରସିସି ନିୟମ ଅନୁସାରେ କାର୍ଯ୍ୟ ନ କରି ଅଧିକାଂଶ ସମୟ କାର୍ଯ୍ୟାଳୟରେ ଅତିବାହିତ କରୁଥିବା ଅଭିଯୋଗ ହେଉଛି । ସମଗ୍ର କେନ୍ଦୁଝର ଶିକ୍ଷା ପ୍ରକଳ୍ପ କାଯ୍ୟାଳୟର ଚିଠି (ନଂ. ୪୭୩୩, ୯ ସେପ୍ଟେମ୍ବର ୨୦୨୪ ଅନୁଯାୟୀ ସିଆରସିସି ଚୟନ କରିବା, ଭିଜନ ଟେଷ୍ଟ ଆଧାରରେ ନିଯୁକ୍ତି ଦେବା ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଥିଲା। ବ୍ଲକ୍‌ର ସମସ୍ତ ସିଆର୍‌ସିସଙ୍କର ସମସ୍ତ ତଥ୍ୟ ସ୍ୱତନ୍ତ୍ର ଫର୍ମାଟରେ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ରହିଥିଲା। ଆଜି ପର୍ଯ୍ୟନ୍ତ ସିଆରସିସିଙ୍କ ନିଯୁକ୍ତି ହେଇପାରିଲାନାହିଁ। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ କହିଛନ୍ତି, ଜିଲା କାର୍ଯ୍ୟାଳୟର ଭିଜନ ଟେଷ୍ଟ କରିବାରେ ବିଳମ୍ବ ହେବା ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି କହିଛନ୍ତି। ତେବେ ଜାନୁଆରୀ ଶେଷ ସୁଦ୍ଧା ଏହାର ସମାଧାନ ହୋଇପାରେ ବୋଲି ଆଶା ପ୍ରକଟ କରି ପ୍ରତି ଉତ୍ତର ରଖିଛନ୍ତି।

# ଭୀମକୁଣ୍ଡରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ପାଟଣା,୧୫।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କିମ୍ବଦନ୍ତି ପ୍ରସିଦ୍ଧ ଭିମକୁଣ୍ଡ, ପାଟଣା ମୁଖ୍ୟାଳୟ ବୈତରଣୀ ନଦୀର ଅନୁସୟା ଘାଟ, ବୈତରଣୀ ସନ୍ନିକଟ ଧାନ ବେଣୀ, କାଶିଆ ନାଳରେ ମଙ୍ଗଳବାର ହଜାର ହଜାର ଶ୍ରଦ୍ଧାଳୁ ମକର ବୁଡ଼ ପକାଇଛନ୍ତି। ଭୀମକୁଣ୍ଡର ପାଟଣା ପାର୍ଶ୍ୱରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ମକର ବୁଡ଼ ପକାଇଥିବା ବେଳେ ୪୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ତେବେ ଭୀମକୁଣ୍ଡ ଉନ୍ନୟନ ପରିଷଦ ପକ୍ଷରୁ ଚଳିତ ବର୍ଷ ଭୀମକୁଣ୍ଡ ମକର ମେଳା ଦିନକ ପୂର୍ବରୁ ଅର୍ଥାତ ସୋମବାର ଉଦ୍‌ଘାଟିତ ହେବାକୁ ନେଇ ବୁଦ୍ଧିଜିବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ମୁଷାଖୋରି ପଞ୍ଚାୟତ କାଶିଆ ନାଳ ମଠ ନିକଟରେ ୩୨ତମ ମକର ମେଳା ମହୋତ୍ସବ ଅନୁଷ୍ଠିତ ହୋଯାଇଛି। ଆୟୋଜିତ ସଭା ସବିତା ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ମୁଷାଖୋରୀ ସରପଞ୍ଚ ଭାମାମଣି ଦାସ, ମୁଖ୍ୟ ବକ୍ତାଭାବେ ଖବରଦାତା ସଞ୍ଜୟ ସାହୁ, ସମ୍ମାନିତ ଅତିଥିଭାବେ ଲାଲ ମୋହନ ମହାନ୍ତ, ମାଧବୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଟସୁ ପ୍ରତିଯୋଗିତ, ଝୁମର ଗୀତର ପ୍ରତିଯୋଗିତା ହୋଇ ପୁରସ୍କୃତ କରାଯାଇଥିଲା।



# ରିପୋର୍ଟ ମାଗିଲା ରାଜ୍ୟ ପ୍ଲାନିଂ ଆଣ୍ଡ କନଭର୍ଜେନ୍ସ ବିଭାଗ

## କେନ୍ଦୁଝର ଡିଏମ୍‌ଏଫ୍ ପାଣ୍ଠି ଅନିୟମିତତା ପ୍ରସଙ୍ଗ

କେନ୍ଦୁଝର/ହାଟଡ଼ିହୀ,୧୫।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍‌ଏଫ ପକ୍ଷରୁ ନିୟୋଜିତ ପିଏମ୍‌ୟୁ(ଇଆଣ୍ଡ ୱାଇ ଏଲଏଲପି)କୁ ଅଗ୍ରୀମ ଦରମା ଦେବା, ଉପସ୍ଥାପାନ ଖାତା ନ ଥିବା, ବେନିୟମ ଭାବେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପରି ବିଭିନ୍ନ ଅନିୟମିତତା ନେଇ ୨୩ ଅଗଷ୍ଟ ୨୦୨୪ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ରାଜ୍ୟ ପ୍ଲାନିଂ ଆଣ୍ଡ୍ କନଭର୍ଜେନ୍ସ(ଯୋଜନା ଏବଂ ସଂଯୋଜନା)ବିଭାଗ ଚିଠି (ନଂ. ୧୫/୧ ଜାନୁୟାରୀ ୨୦୨୫) ଅନୁସାରେ ଏକ ଫାକଚୁଆଲ ରିପୋର୍ଟ ମାଗିଛନ୍ତି। କେନ୍ଦୁଝର ଜିଲାପାଳ ଏବଂ ଡିଏମ୍‌ଏଫ୍ ଚେୟାର ପର୍ସନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, ଡିଏମ୍‌ଏଫ୍(ଜିଲା ଖଣିଜ ପାଣ୍ଠି) ପିଏମୟୁ(ପ୍ରୋଗ୍ରାମ ମନିଟରିଂ ୟୁନିଟ୍) ଭାବେ ଇ ଆଣ୍ଡ ୱାଇ ଏଲଏଲପି ନାମକ ଗୁରୁଗାଓଁର ଏକ ସଂସ୍ଥା ୨୦୧୭ରେ ୩ ବର୍ଷ ପାଇଁ ଏଗ୍ରିମେଣ୍ଟ କରିଥିଲା। ୧୩ ଜୁନ୍ ୨୦୧୯ରେ ଏକଜିକ୍ୟୁଟିଭ କମିଟି ବୈଠକରେ ପିଏମ୍‌ୟୁ କାର୍ଯ୍ୟ ସନ୍ତୋଷଜନକ କରୁଥିବା ଦର୍ଶାଇ ସମ୍ପୃକ୍ତ ସଂସ୍ଥାର ଦରମା ଏବଂ କର୍ମଚାରୀ ସଂଖ୍ୟା ବୃଦ୍ଧି କରାଯାଇଥିଲା। କିନ୍ତୁ ଓଡିଏମ୍‌ଏଫ୍ ରୁଲ୍ ୨୦୧୫ର ରୁଲ୍ ୬ ଅନୁସାରେ ଏକଜିକ୍ୟୁଟିଭ କମିଟିର ଉକ୍ତ ପ୍ରସଙ୍ଗ କ୍ଷମତାର ପରିସର ଭୁକ୍ତ ନୁହେଁ। ପରବର୍ତ୍ତୀ ସମୟରେ ୭ ଏପ୍ରିଲ ୨୦୨୨ରେ ଉକ୍ତ ସଂସ୍ଥା ପୁନଶ୍ଚ ଏଗ୍ରିମେଣ୍ଟ କରି ଅଦ୍ୟାବଧି କାର୍ଯ୍ୟ କରୁଛି। ୧୬ ଅଗଷ୍ଟ ୨୦୨୨ରେ ଉକ୍ତ ସଂସ୍ଥା ଏଗ୍ରିମେଣ୍ଟ ଭାଲ୍ୟୁର ୧୦ ଶତକଡା କର୍ମଚାରୀଙ୍କ ଅଗ୍ରୀମ ଦରମା ବାବଦରେ ୧ କୋଟି୭୦ ଲକ୍ଷ ୫୫ ହଜାର ୭୨୦ଟଙ୍କା ନେଇଛି। କିନ୍ତୁ ଡିଏମ୍‌ଏଫ୍‌ର ସିଇଓ ଅଗ୍ରୀମ ଦରମା ଏବଂ ଅନ୍ୟାନ୍ୟ ବାବଦରେ ହୋଇଥିବା ଅଭିଯୋଗ ଉପରେ ମେମୋ (ନଂ. ୨୧୨୯/୨୫) ସେପ୍ଟେମ୍ବର ୨୦୨୪ରେ ଏକ ରିପୋର୍ଟ ଦାଖଲ କରିଛନ୍ତି। କଣ୍ଟ୍ରାଚୁଆଲ ଟର୍ମ ଏବଂ କଣ୍ଡିସନ ଅନୁସାରେ ଇନସ୍ପେକ୍ସନ ରିପୋର୍ଟ ପୈଠ କରାଯାଇଥିବାରୁ ଉକ୍ତ ୧ କୋଟି ୭୦ ଲକ୍ଷ ୫୫ ହଜାର ୭୨୦ଟଙ୍କା ଦିଆଯାଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସିଇଓଙ୍କ ତଦନ୍ତ ରିପୋର୍ଟ ଅନୁସାରେ ଇନସ୍ପେକ୍ସନ ରିପୋର୍ଟ ପୈଠ ବାବଦରେ ଉକ୍ତ ଟଙ୍କା ସମ୍ପୃକ୍ତ ସଂସ୍ଥାକୁ ଅଗ୍ରୀମ ଦିଆଯିବ ବୋଲି ଏଗ୍ରିମେଣ୍ଟରେ ଉଲ୍ଲେଖ ନାହିଁ। ପ୍ରତି ମାସ ଆକ୍ସନ ପ୍ଲାନ୍ ଏବଂ ଇନସ୍ପେକ୍ସନ ରିପୋର୍ଟ ପାଇଁ ୧୦ ଶତକଡ଼ା ଏବଂ ମାସିକିଆ ପ୍ରୋଗ୍ରେସ ରିପୋର୍ଟ ପାଇଁ ୯୦ ଶତକଡା ମୋଟ ୧୦୦ ଶତକଡା ଦରମା ସମ୍ପୃକ୍ତ ସଂସ୍ଥାକୁ ପ୍ରଦାନ କରାଯିବ ବୋଲି ଏଗ୍ରିମେଣ୍ଟରେ ଉଲ୍ଲେଖ ରହିଛି । ଗତ ୭ ଏପ୍ରିଲ ୨୦୨୨ରୁ ୬ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ସମ୍ପୃକ୍ତ ସଂସ୍ଥାକୁ କର୍ମଚାରୀଙ୍କ ଅଗ୍ରୀମ ଦରମା ବାବଦରେ ଉକ୍ତ ୧ କୋଟି ୭୦ ଲକ୍ଷ ୫୫ ହଜାର ୭୨୦ଟଙ୍କା ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ମାସିକିଆ ଦରମା ଇନଭଏସ କପିରେ ଅଗ୍ରୀମ ଦରମା ଆଡ଼ଜଷ୍ଟ ହେଉଥିବା ଉଲ୍ଲେଖ ରହିଛି। ଯାହାକି ସୂଚନା ଅଧିକାର ଆଇନ ବଳେ ଡିଏମ୍‌ଏଫ ଚିଠି (ନଂ. ୨୨୫୦/୯ ଅକ୍ଟୋବର ୨୦୨୪ ଅନୁସାରେ ସ୍ପଷ୍ଟ ହୋଇଛି।

